### ମହାନ ଆଦିବାସୀ ସଂସ୍କୃତି, ସଭ୍ୟତା, ପୋଷାକ, ବାଦ୍ୟ ଓ ପରଂପରାକୁ ବଂଚାଇବାକୁ ସଚେତନ ସୃଷ୍ଟି କରାଇବା ଉଦ୍ଦେଶ୍ୟରେ

# ବିଶ୍ୱ ଆଦିବାସୀ ଦିବସ ଅବସରରେ ବିଜେପି ଜନଜାତି ମାର୍ଚ୍ଚାର ବିଶାଳ ଶୋଭାଯାତ୍ରା

- **ବିଶ୍ୱ ଜନଜାତି ଦିବସ ଅବ୍ୟବହିତ ପୂର୍ବରୁ ଦୀର୍ଘ ୧୯ ବର୍ଷ ଧରି କରିଥିବା ଜନଜାତିଙ୍କୁ ଅଣଦେଖାରୁ ଦୃଷ୍ଟି ହଟାଇବାକୁ ରାଜ୍ୟର ଶାସକ ବିଜେଡି ଉଦ୍ୟମ କରୁଛି : ବିଧାୟକ ରବି ନାଏକ**

**ଭୁବନେଶ୍ୱର, ତା.୦୯/୦୮ :** ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ଦୀର୍ଘ ୮୨ ବର୍ଷ ପରେ ମଧ ରାଜ୍ୟରେ ଆଦିବାସୀ ସମାଜ ବିକାଶର ବହୁ ଦୁରରେ ରହିଛି । ବିଗତ ବର୍ଷ ମାନଙ୍କରେ ଦୀର୍ଘ ଦିନ ଧରି ରାଜ୍ୟର ଶାସନ କ୍ଷମତାରେ ଥିବା ଉଭୟ କଂଗ୍ରେସ ଏବଂ ବର୍ତ୍ତମାନ ଶାସକ ବିଜେଡିର ଆଦିବାସୀମାରଣ ନୀତି ଏବଂ ଆନ୍ତରିକତାର ଅଭାବ କାରଣରୁ ରାଜ୍ୟର ପ୍ରାଚୀନ ଆଦିବାସୀ ସଂସ୍କୃତି ଓ ପରଂପରା କ୍ରମଶଃ ଲୋପ ପାଇବାରେ ଲାଗିଛି । ସମଗ୍ର ବିଶ୍ୱରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ଏହି ପୁରାତନ ଓ ମହାନ ଆଦିବାସୀ ସଂସ୍କୃତି, ସଭ୍ୟତା, ପୋଷାକ, ବାଦ୍ୟ ଓ ପରଂପରାକୁ ବଂଚାଇବାକୁ ହେଲେ ନିଜ ଭିତରେ ସଚେତନ ହେବା ନିହାତି ଆବଶ୍ୟକ । ଭାରତୀୟ ଜନତା ପାର୍ଟି, ଜନଜାତି ମୋର୍ଚ୍ଚା, ଓଡିଶା ଶାଖା ତରଫରୁ ଆଜି ବିଶ୍ୱ ଆଦିବାସୀ ଦିବସ ଅବସରରେ ଆଦିବାସୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ବିଶାଳ ଶୋଭାଯାତ୍ରା ରାଜ୍ୟ କାର୍ଯ୍ୟାଳୟରୁ ବାହାରି ପିଏମଜି ଛକ ପର୍ଯ୍ୟନ୍ତ ଯାଇଥିଲା ।

ବିଜେଡିର ଦୀର୍ଘ ୧୯ ବର୍ଷ ଶାସନ ମଧରେ ଆଦିବାସୀମାନଙ୍କର କୌଣସି ବିକାଶ ହୋଇପାରିଲା ନାହିଁ । ଆଦିବାସୀ ଅଂଚଳର ବିକାଶ ନାଁରେ କୋଟି କୋଟି ଟଂକା ଆତ୍ମସାତ କରିବା ସହ ନିରୀହ ଓ ସରଳ ଆଦିବାସୀମାନଙ୍କୁ କେବଳ ପ୍ରତାରଣା ଦେଇ ଆସୁଛନ୍ତି । ନଗଡାର ନଗ୍ନ ଚିତ୍ର, କଳିଙ୍ଗ ନଗର ଆଦିବାସୀମାନମଙ୍କୁ ଗୁଳି କରିବା, ମେଲଘରାରେ ଛୋଟ ଶିଶୁଙ୍କଠୁ ଆରମ୍ଭ କରି ମହିଳାଙ୍କୁ ଗୁଳି କରିବା ଘଟଣା, ଦାନ ମାଝୀ କାନ୍ଧରେ ଶବ ବୁହା ଘଟଣା ଏବଂ ଗୁମୁଡୁମାହା ଗୁଳିକାଣ୍ଡ ଘଟଣା ରାଜ୍ୟସରକାରଙ୍କ ଆଦିବାସୀମାରଣ ନୀତିକୁ ସ୍ୱଷ୍ଟ ଦର୍ଶାଉଛି । ଆଦିବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଏବଂ ଆର୍ଥିକ ବିକାଶ ପାଇଁ ଯଥେଷ୍ଟ କେନ୍ଦ୍ରୀୟ ସହାୟତା ଆସୁଥିବା ସତ୍ୱେ ନିଜର ଅପାରଗତା କାରଣରୁ ଶାସକ ବିଜେଡି ଏହି ଅର୍ଥକୁ ଖର୍ଚ୍ଚ କରିବାରେ ସକ୍ଷମ ହୋଇପାରୁନାହିଁ । ଅନ୍ୟ ପଟେ ଶାସକ ବିଜେଡିର ନେତା ଓ କର୍ମୀମାନେ ମିଳିମିଶି ଚଂଚକତା କରି ଏହି ଅର୍ଥକୁ ବାଟମାରଣା କରୁଛନ୍ତି । ବିଶ୍ୱ ଜନଜାତି ଦିବସ ଅବ୍ୟବହିତ ପୂର୍ବରୁ ରାଜ୍ୟର ଶାସକ ବିଜୁ ଜନତା ଦଳ ୧୯ ବର୍ଷର ଜନଜାତିଙ୍କୁ ଅଣଦେଖାରୁ ଦୃଷ୍ଟି ହଟାଇବାକୁ ଭେଳିକି କରୁଛି ।

ଆଦିବାସୀ ଉପଦେଷ୍ଟା ପରିଷଦ ଗଠନ ନାଁରେ ସରଳ ଓ ନିରୀହ ଆଦିବାସୀମାନଙ୍କୁ ଶାସକ ବିଜେଡି ଦୀର୍ଘ ବର୍ଷ ଧରି ବାରମ୍ବାର ପ୍ରତାରଣା ଦେଇ ଆସୁଛି । ନବଗଠିତ ଆଦିବାସୀ ଉନ୍ନୟନ ପରିଷଦରେ ରାଜ୍ୟର କୈାଣସି ଗୋଟିଏ ଆଇଟିଡିଏ ସାମିଲ ନହେବା ଶାସକ ବିଜେଡିର ଆଦିବାସୀଙ୍କ ବିକାଶ ପାଇଁ ଆନ୍ତରିକତାର ଅଭାବକୁ ସ୍ୱଷ୍ଟ କରିଛି । ଆଦିବାସୀ ବିକାଶ ପାଇଁ ଶାସକ ବିଜେଡିର କୌଣସି ଆନ୍ତରିକତା ନାହିଁ ଏବଂ ଆଗାମୀ ଦିନରେ ମଧ ବିକାଶ ଅସମ୍ଭବ । ରାଜ୍ୟ ସରକାରଙ୍କ ଏଭଳି ଦୋମୁହାଁ ନୀତିକୁ ସମଗ୍ର ଆଦିବାସୀ ସମାଜ ଭଲ ଭାବେ ହୃଦୟଙ୍ଗମ କରିସାରିଲେଣି । ଆଗାମୀ ଦିନରେ ନିଶ୍ଚିତ ଭାବେ ଉଚିତ୍ ଜବାବ୍ ଦେବେ ।

ଅନ୍ୟ ପଟେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆଦିବାସୀକଲ୍ୟାଣ ଯୋଜନାଗୁଡିକୁ ଲୋକାଭିମୁଖୀ କରିବା ପାଇଁ ଏହି ଅବସରରେ ଉପସ୍ଥିତ କାର୍ଯ୍ୟକର୍ତାମାନେ ସଂକଳ୍ପ ନେଇଛନ୍ତି । ଆଜିର ଏହି ବିଶାଳ ଶୋଭାଯାତ୍ରା ବିଜେପି ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ଶ୍ରୀ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ହଜାରେରୁ ଅଧିକ ଆଦିବାସୀ ଭାଇ ଓ ଭଉଣୀମାନେ ପାରଂପାରିକ ବେଶରେ ବାଦ୍ୟ ଓ ନୃତ୍ୟର ତାଳେତାଳେ ଶୋଭାଯାତ୍ରାରେ ଯାଇଥିଲେ । ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଡ..ପ୍ରିୟବ୍ରତ ମାଝୀ, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ବିଜୟ ନାୟକ, କେଶର ମୁର୍ମୁ, ମାଳତୀ ହେମ୍ବ୍ରମ, ଗଙ୍ଗାଧର ହେମ୍ବ୍ରମ, ଗେହ୍ଲୁ ମହନ୍ତ, ସମରାଇ ଟୁଡୁ, ନୀଳମାଧବ ଶବର ପ୍ରମୁଖ ଉପସ୍ଥିତ ରହିଥିଲେ ।

**(ବିଜେପି ମିଡିଆ ସେଲ୍)**